## ସଂକ୍ଷେପରେ

### ୨ ଜଜ୍‌ଙ୍କ କାର୍ଯ୍ୟରେ ଯୋଗଦାନ

ଗୁଣପୁର,୫।୭(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର କୋର୍ଟରେ ଶୁକ୍ରବାର ୨ ଜଣ ଜଜ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏସ୍‌ଡିଜେଏମ ବିଜୟଲକ୍ଷ୍ମୀ ମହାପାତ୍ର ଏବଂ ଜେଏମ୍‌ଏଫସି ପୂର୍ଣ୍ଣଶ୍ଳୋକ ଦାସ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିଲାଗି ଓକିଲ ସଂଘ ସମ୍ମିଳନୀ କକ୍ଷରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ଓକିଲ ସଂଘ ସଭାପତି ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଏବଂ କନିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଏସଡିଜେଏମ ସୁକିନ୍ଦା ଅଞ୍ଚଳରୁ ବଦଳି ହୋଇ ଆସିଥିବାବେଳେ ଜେଏମଏଫସି ପୁରୀ କୋର୍ଟରୁ ଗୁଣପୁରକୁ ବଦଳି ହୋଇ ଆସିଛନ୍ତି।

### ମା’ ମାର୍କମା କଲେଜରେ ବନ ମହୋତ୍ସବ



ବିଷମକଟକ, ୫।୭(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକସ୍ଥିତ ମା’ ମାର୍କମା +୩ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍, ଏନ୍‌ସିସି ଓ ସ୍କାଉଟ ଆଣ୍ଡ ଗାଇଡର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ମହା ବିଦ୍ୟାଳୟର ଅଧକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ପିଜୁଳି, ପଣସ, ଓଉ, ଅଁଳା, ଚମ୍ପା ଇତ୍ୟାଦି ୫୦ ଚାରା ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ମହିଳା ଅଧିକାରୀ ସସ୍ମିତା ମହାନ୍ତି, ପୁରୁଷ ଅଧିକାରୀ ବିନନ୍ତ ଡଙ୍ଗରୀ, ଯୁବ ରେଡ୍‌କ୍ରସ୍ ଅଧିକାରୀ ସଞ୍ଜୟ କୁମାର ତ୍ରିପାଠୀ, ଏନ୍‌ସିସି ଅଫିସର କ୍ୟାପ୍‌ଟେନ ବି. ରବିଶଙ୍କର ଓ ସ୍କାଉଟ ଆଣ୍ଡ ଗାଇଡ ଅଧିକାରୀ ବୃନ୍ଦାବନ ସାହୁ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ସମସ୍ତ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

### ଗୁଣପୁର କଲେଜରେ ଚାରାରୋପଣ

ଗୁଣପୁର, ୫।୭(ପ୍ରଦୀପ କୁମାର ପାଢ଼ୀ )

ରାୟଗଡା ଜିଲା ଗୁଣପୁର କଲେଜଠାରେ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଶଶୀଭୂଷଣ ମହାନ୍ତି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପରିସରରେ ଅଁଳା, ବାହାଡ଼ା, ଅର୍ଜୁନ, ପଣସ ଓ ଶିଶୁ ଚାରା ରୋପଣ କରାଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମଣ ଶବରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଜଗନ୍ନାଥ ଦୀପ, ଦେବୀପ୍ରସାଦ ରାଉତ ଓ ଗଙ୍ଗା ମାଡ଼କାମି କାର୍ଯ୍ୟକ୍ରମରେ ଭାଗ ନେଇ ଚାରାରୋପଣ କରିଥିଲେ ।

# ପୌର ପରିଷଦକୁ ୫ ବର୍ଷର ତଥ୍ୟ ମାଗିଲେ ବିଧାୟକ

### ପୌର କର୍ମଚାରୀ ଛାନିଆ

ରାୟଗଡ଼ା,୫।୭(ଆଶିଷ ରଞ୍ଜନ ପଣ୍ଡା)



ପୌର ପରିଷଦ ବୈଠକରେ ବିଧାୟକ ଓ ଅନ୍ୟ ଅଧିକାରୀ ।

ରାୟଗଡ଼ା ପୌର ପରିଷଦକୁ ଗତ ୫ ବର୍ଷର ତଥ୍ୟ ମାଗିଛନ୍ତି ବିଧାୟକ ଆପାଲାସ୍ୱାମୀ କାଡ୍ରାକା । ଶୁକ୍ରବାର ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ପରିଷଦ ବୈଠକରେ ସେ ଲିଖିତ ଭାବେ ସମସ୍ତ ତଥ୍ୟ ଆସନ୍ତା ଅଗଷ୍ଟ ୧୮ ତାରିଖ ସୁଦ୍ଧା ପ୍ରଦାନ କରିବା ପାଇଁ ଜଣାଇଛନ୍ତି। ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଲିଖିତଭାବେ ଜଣାଇବା ସହ ଏହାର ନକଲ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଛନ୍ତି। ମୁଖ୍ୟତଃ ୫ ବର୍ଷ ସମୟରେ କେତେ ଟଙ୍କା ଅନୁଦାନ ରାୟଗଡ଼ା ପୌର ପରିଷଦକୁ ଆସିଛି ଏବଂ ସେହି ଅନୁଦାନ କେଉଁଭଳି ଖର୍ଚ୍ଚ ହୋଇଛି। ନିର୍ମାଣ କାର୍ଯ୍ୟରେ ଟେଣ୍ଡର କିଭଳି ହୋଇଛି, କେଉଁଠି ବିଭାଗୀୟ କାର୍ଯ୍ୟ ହୋଇଛି ଏବଂ ଏଥିପାଇଁ ସରକାର ଅନୁମତି ଦେଇଛନ୍ତି କି ନାହିଁ ସେ ସମ୍ପର୍କରେ ବିଧାୟକ ତଥ୍ୟ ମାଗିଛନ୍ତି। ପୌର ପରିଷଦର ସହର ଭିତରେ ଥିବା ଜମିର ତାଲିକା ମଧ୍ୟ ମାଗିଛନ୍ତି ବିଧାୟକ କାଡ୍ରାକା । ଏତଦ୍‌ବ୍ୟତୀତ ପୌର ପରିଷଦର ନିଜସ୍ୱ ଆୟ ସ୍ରୋତ, ଦୋକାନ ଗୃହ ଆବଣ୍ଟନ ନ ହୋଇ ପଡିରହିବା, ଯାନବାହନ କିଣିବା, ଭତ୍ତା ବଣ୍ଟନ ତଥ୍ୟ ଏଥିରେ ଅନ୍ତର୍ଭୁକ୍ତ ଅଛି। ସେହିଭଳି କେଉଁ ପରିସ୍ଥିତିରେ ପୌର ପରିଷଦର କିଛି ମୂଲ୍ୟବାନ୍ ଜମି ଅଦଳବଦଳ ହୋଇଛି ତାହା ମଧ୍ୟ ପ୍ରଦାନ କରିବା ପାଇଁ କହିଛନ୍ତି। ବିଧାୟକ ପତ୍ର ଲେଖିବା ସହ ପରିଷଦ ବୈଠକରେ ଏହିସବୁ ପ୍ରଶ୍ନ ଉତ୍ଥାପନ କରିବା ପରେ ପୌର କର୍ମଚାରୀଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। କାରଣ ଗତ ୫ବର୍ଷ ମଧ୍ୟରେ ପୌର ପରିଷଦର ଦୁର୍ନୀତି ଓ ଅନିୟମିତତା ସମସ୍ତ ସୀମା ପାର କରିଯାଇଛି। କିଛି ଠିକାଦାର ଏକତରଫା ଭାବେ ପୌର କାର୍ଯ୍ୟାଳୟ ଚଳାଉଥିବା ଲଗାତର ଅଭିଯୋଗ ହେଇଥିଲା । ନିର୍ବାହୀ ଅଧିକାରୀମାନେ ଉକ୍ତ ଠିକାଦାରଙ୍କ ହାତରେ ସବୁ ଟେକିଦେଇଥିବା ଅଭିଯୋଗ ହୋଇଥିଲା । ବିଧାୟକ ହେବା ପୂର୍ବରୁ ଆପାଲାସ୍ୱାମୀ ଏହି ପ୍ରସଙ୍ଗକୁ ନେଇ ପୌର କାର୍ଯ୍ୟାଳୟ ଘେରାଉ ମଧ୍ୟ କରିଛନ୍ତି। ଆଉ ବର୍ତ୍ତମାନ ବିଧାୟକ ହେବା ପରେ ଏହି ଦୁର୍ନୀତି ବିଧାନସଭାରେ ଉଠାଇବେ ବୋଲି କହିଛନ୍ତି ।

# ଲାଞ୍ଚ ନେଇ ଚନ୍ଦ୍ରପୁର ତହସିଲଦାର ଗିରଫ

### କାର୍‌ରୁ ୧ ଲକ୍ଷ ୧୫ ହଜାର ଟଙ୍କା ଜବତ

ରାୟଗଡ଼ା,୫।୭(ଆଶିଷ ରଞ୍ଜନ ପଣ୍ଡା):

ଭିଜିଲାନ୍ସ ଜାଲରେ ରାୟଗଡ଼ା ଜିଲା ଚନ୍ଦ୍ରପୁର ତହସିଲଦାର ବିଚିତ୍ରାନନ୍ଦ ନାୟକ। ସରକାରୀ ଜମିର ପଟ୍ଟା ପ୍ରଦାନ ପାଇଁ ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ଗ୍ରାମର ଗୋଟିଏ ଗୋଷ୍ଠୀଠାରୁ ୧ ଲକ୍ଷ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ତାଙ୍କୁ ଗିରଫ କରିଛି। ବିଚିତ୍ରାନନ୍ଦଙ୍କ ସରକାରୀ ଗାଡ଼ିରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଭିଜିଲାନ୍ସ ପକ୍ଷରୁ ଭୁବେନେଶ୍ୱର, କଟକ, ଢେଙ୍କାନାଳ ଓ ଅନୁଗୋଳରେ ବିଚିତ୍ରାନନ୍ଦଙ୍କ ସମ୍ପର୍କୀୟ ଘରେ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।

ବିଚିତ୍ରାନନ୍ଦ ଲାଞ୍ଚ ଟଙ୍କା ଗାଡ଼ିରେ ରଖିଥିବା କୌଣସି ସୂତ୍ରରୁ ଭିଜିଲାନ୍ସ ଇନ୍ସପେକ୍ଟର ତରୁଲତା ବେହେରା ଜାଣିବାକୁ ପାଇଥିଲେ। ପରେ ଅତିରିକ୍ତ ଏସ୍‌ପି ଅରୁଣ ନାୟକ ଓ ଇନ୍ସପେକ୍ଟର ତରୁଲତାଙ୍କ ନେତୃତ୍ୱରେ ଏକ ଭିଜିଲାନ୍ସ ଟିମ୍ ବିଚିତ୍ରାନନ୍ଦଙ୍କ ଗାଡ଼ିକୁ ପିଛାକରିଥିଲେ। ତହସିଲଦାର ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ବୈଠକରେ ଯୋଗଦେବାକୁଆସିଥିଲେ। ବୈଠକ ସରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଚନ୍ଦ୍ରପୁର ଫେରିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁକରିଥିଲା। ଏହି ସମୟରେ ବିଚିତ୍ରାନନ୍ଦ ଗାଡ଼ିରୁ ଲାଞ୍ଚ ଟଙ୍କା ବାହାରକୁ ଫୋପାଡ଼ିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ପରେ ଭିଜିଲାନ୍ସ କର୍ତ୍ତୃପକ୍ଷ ବିଚିତ୍ରାନନ୍ଦଙ୍କୁ ଗିରଫ କରି ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟ ଆଣିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାର ତଦନ୍ତ ଜାରି ରହିଛି।

ପ୍ରକାଶ ଥାଉକି, ବିଚିତ୍ରାନନ୍ଦ ୨୦୨୨ରେ କଟକ ଜିଲା ବାରଙ୍ଗ ତହସିଲଦାର ଥିବା ସମୟରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ପରେ ଚାକିରିରୁ ନିଲମ୍ବିତ ହୋଇଥିବା ବେଳେ ପୁଣି ପୋଷ୍ଟିଂ ହୋଇ ରାୟଗଡ଼ା ଜିଲା ଚନ୍ଦ୍ରପୁରରେ ଯୋଗଦାନ କରିଥିଲେ ।



ତହସିଲଦାରଙ୍କୁ ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଉଛି।

# କୃଷକ ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

ମୁନିଗୁଡା,୫।୭ (ନନ୍ଦକିଶୋର ପଟ୍ଟନାୟକ)



ବିଧାୟକ ଫିତା କାଟି କୃଷକ ପରାମର୍ଶ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ତେଲେଙ୍ଗାପଦର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କୃଷକମାନଙ୍କୁ ସେମାନଙ୍କର ଚାଷ ସମ୍ବନ୍ଧୀୟ ସମସ୍ୟାର ସମସ୍ତ ପ୍ରକାର ସମାଧାନ ନିମନ୍ତେ ଏକ କୃଷକ ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ମୁନିଗୁଡ଼ା ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା ଉପସ୍ଥିତ ରହି କୃଷକ ପରାମର୍ଶ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଧାୟକ ହିକକା କୃଷି ଓ କୃଷକର ବିକାଶ ନିମନ୍ତେ ସବୁବେଳେ ସଂକଳ୍ପବଦ୍ଧ ଓ ଚେଷ୍ଟିତ ହୋଇ ରହିବାକୁ ଓ ଚାଷ କ୍ଷେତ୍ରରେ ଉନ୍ନତି ଓ ପ୍ରଗତି ନିମନ୍ତେ କୃଷକ ଭାଇମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମୁନିଗୁଡା ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ, ସହକାରୀ କୃଷି ଯନ୍ତ୍ରୀ ଓମ୍ ପ୍ରକାଶ ମଲ୍ଲିକ, ସହକାରୀ କୃଷି ଅଧିକାରୀ ଦୀପ୍ତିରାଣୀ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଚାଷ ଓ କୃଷକଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତେଲେଙ୍ଗାପଦର ଗ୍ରାମପଞ୍ଚାୟତ ସରପଞ୍ଚ ଉପେନ୍ଦ୍ର ସିକକା, ସମିତି ସଭ୍ୟ ଅନଙ୍ଗ ନାଗ, ନାଏବ ସରପଞ୍ଚ ସୁଦେବୀ ଯାକପ୍ରାସ୍କା, ଏମ୍‌ପି ପ୍ରତିନିଧି ମାନସ ରଞ୍ଜନ ବେହେରା,କଂଗ୍ରେସ ବ୍ଲକ୍ ସଭାପତି ନୀଳାମ୍ବର ବିଭାର,କୃଷି ଅଧିଦର୍ଶକ ପ୍ରକାଶ ଚନ୍ଦ୍ର ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଦାଧର ମିଶ୍ର, ଗ୍ରାମ ରୋଜଗାର ସେବକ ସୋନାଲି ବ୍ରହ୍ମା, କୃଷକ ସାଥୀ ଗୋବିନ୍ଦ ସାରକାଙ୍କ ସମେତ ଶତାଧିକ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଗୁଡ଼ାରିରେ ୭୫ତମ ବନ ମହୋତ୍ସବ

ଗୁଡାରି,୫।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଇନ୍‌ଡୋର ଷ୍ଟାଡିୟମଠାରେ ୭୫ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ରେଞ୍ଜର ଦିଲୀପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଏସିଏଫ୍ ସନ୍ଦୀପ ପୃଷ୍ଟି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଡ଼ାରି ବିଡିଓ ଅନିଶା ଦାସ, ଥାନା ଭାରପ୍ରାପ୍ତ ଅଧିକାରୀ ସମର୍ପିତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା ଯୋଗଦେଇ ଅଁଳା, ପଣସ, ନିମ, ଅଶୋକ, ଓସ୍ତ, ଶିଶୁ, ଜାମୁ ଭଳି ବିଭିନ୍ନ ଚାରା ରୋପଣ କରିଥିଲେ। ଗୁଡାରି ରେଞ୍ଜ ଅଧୀନରେ



ଥିବା ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରାଗାର୍ଡ, ଗୁଡାରି ଏନ୍‌ଏସି ପରିସରରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଧ୍ୟାପକ ଯୋଗଦେଇ ଚାରା ରୋପଣ କରିଥିଲେ।

# ଶିକ୍ଷୟିତ୍ରୀଙ୍କ ବଦଳି ନ ହେଲେ ଆନ୍ଦୋଳନ ହେବ

### ଗୋଟିଏ ସ୍କୁଲରେ ୨୫ ବର୍ଷ ଚାକିରି

ବିଷମକଟକ, ୫।୭( ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ଗ୍ରାମର ଏମ୍‌ଇ ସ୍କୁଲରେ ଆଜକୁ ୨୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେଲା କାର୍ଯ୍ୟରତ ଶିକ୍ଷୟିତ୍ରୀ ଆରତି ମିଶ୍ରଙ୍କୁ ତୁରନ୍ତ ବଦଳି ଦାବି ହୋଇଛି। ଆସନ୍ତା ୧୨ ତାରିଖ ମଧ୍ୟରେ ଶିକ୍ଷୟିତ୍ରୀଙ୍କ ବଦଳି ନ ହେଲେ, ରାୟଗଡ଼ା-ଭବାନୀପାଟଣା ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି ହାଟମୁନିଗୁଡ଼ା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରାୟଗଡ଼ା ଜିଲାର ସମସ୍ତ ବିଦ୍ୟାଳୟର ମାନ ଉନ୍ନତ ହେଉଥିବା ବେଳେ ହାଟମୁନିଗୁଡା ଏମ୍‌ଇ ସ୍କୁଲରେ ଏ ପର୍ଯ୍ୟନ୍ତ କୌଣସି ବିକାଶ ହୋଇପାରି ନାହିଁ। ଶିକ୍ଷୟିତ୍ରୀ ଆରତି ମିଶ୍ରଙ୍କ ଯୋଗୁ ବିଦ୍ୟାଳୟରେ କୌଣସି ଉନ୍ନତି ହୋଇପାରୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀ ମନମୁଖି କାର୍ଯ୍ୟ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ବିଷମକଟକ ବ୍ଲକ୍ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରା ସୋମବାର ବିଦ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ହେଲେ ଏହି ତଦନ୍ତ ପୁଣି ଫାଇଲ ତଳେ ଚାପିହୋଇ ରହିଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଶିକ୍ଷୟିତ୍ରୀଙ୍କୁ ୧୨ ତାରିଖ ମଧ୍ୟରେ ବଦଳି କରା ନ ଗଲେ ରାୟଗଡ଼ା-ଭବାନୀପାଟଣା ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଏକ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗପତ୍ରର ନକଲ ରାୟଗଡ଼ା ଜିଲାପାଳ, ଗୁଣପୁର ଉପଜିଲାପାଳ, ବିଷମକଟକ ବିଡିଓ, ବିଷମକଟକ ଓ ମୁନିଗୁଡ଼ା ଥାନା ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ବିଷମକଟକ ବିଡିଓ ସଦାଶିବ ନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି।

# ନିର୍ମାଣାଧୀନ ରାସ୍ତାରେ ଆଣ୍ଠୁଏ ପାଣି

### ମୁନୁଷପଦର ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ

ଟିକିରି, ୫।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର ଗ୍ରାମରେ ଡିପ୍‌ଥେରିଆ ରୋଗରେ ୪ ଶିଶୁଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଗ୍ରାମକୁ ରାସ୍ତା ନ ଥିବାରୁ ସ୍ୱାସ୍ଥ୍ୟସେବା ଅପହଞ୍ଚ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଥମେ ଗ୍ରାମକୁ ଭଲ ରାସ୍ତା ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଫଳରେ ମୁନୁଷପଦର ଗ୍ରାମକୁ ଯିବା ପାଇଁ ପାହାଡ଼ିଆ ରାସ୍ତାକୁ କାଟି ରାସ୍ତା ନିର୍ମାଣ ଚାଲିଛି। ହେଲେ ଏବେ କିଛିଦିନ ହେବ ବର୍ଷା ଲାଗି ରହିଥିବାରୁ ରାସ୍ତାକାମ ବନ୍ଦ ରହିଛି। ପାହାଡ଼ ଉପରୁ ପଥର ଖସି ରାସ୍ତା ଉପରେ ପଡିବା ସହ ରାସ୍ତା ଉପରେ ଆଣ୍ଠୁଏ ଲେଖାଏ ବର୍ଷା ପାଣି ଜମିରହିଛି। ଫଳରେ ଗ୍ରାମବାସୀ ଏହି ରାସ୍ତା ଦେଇ ଯାତାୟାତ କରିବାର ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ପାହାଡ଼ ଉପରୁ ଆସୁଥିବା ପାଣି ନିଷ୍କାସନ ପାଇଁ ମୁନୁଷପଦର ଗ୍ରାମକୁ ନିର୍ମାଣ ହେଉଥିବା ରାସ୍ତା ୨ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବା ସହ ଗ୍ରାମକୁ ସିସି ରୋଡ୍ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।



ନିର୍ମାଣାଧୀନ ରାସ୍ତା ଉପରେ ଜମିଥିବା ବର୍ଷାପାଣି ।

# ୬୦କେଜି ଗଞ୍ଜେଇ ଜବତ, ୨ ଗିରଫ

ଗୁଣପୁର, ୫।୭(ପ୍ରଦୀପ କୁମାର ପାଢ଼ୀ)

ଗଞ୍ଜେଇ ଚୋରା ଚାଲାଣ ଘଟଣାର ରାୟଗଡ଼ା ଜିଲା ଗୁଣପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଜପତି ଜିଲା ଅଥାଲିମା ଗ୍ରାମର ଆଶିଷ କୁମାର ବୀର (୨୦) ଓ ତବାର ସାହିର ଜୟନ୍ତ ଗମାଙ୍ଗ ( ୩୪) । ପୋଲିସ ସେମାନଙ୍କ ନିକଟରୁ ୬୦ କେଜି ୭୬୦ ଗ୍ରାମ ଗଞ୍ଜେଇ ଓ ନଗଦ ୧୯୦୦ ଟଙ୍କା ଜବତ କରିଛି । ଗୁଣପୁର ପଟୁ ଦ୍ରୁତଗତିରେ କାର୍‌ଟି ଯାଉଥିବା ବେଳେ ଖର୍ଲିଙ୍ଗ ଗେଟ୍ ନିକଟରେ ପୋଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ସେଥିରୁ ଗଞ୍ଜେଇ ଜବତ ହୋଇଥିଲା । ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉତ୍ତମ ସାହୁ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ।

# ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

ମୁନିଗୁଡ଼ା,୫।୭ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବନ ବିଭାଗ ତରଫରୁ ୭୫ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ବନପାଳ ପ୍ରମୋଦିନୀ ମାଣ୍ଡାଙ୍ଗୀଙ୍କ ଅଧ୍ୟକ୍ଷତା ଓ କୁଟ୍ରାଗଡ ଭାଜପା ନେତା ଗୌରହରି ପୂଜାରୀଙ୍କ ସଂଯୋଜନାରେ ମୁନିଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କୁଟ୍ରାଗଡ ପଞ୍ଚାୟତ ମା’ ମାଣିକେଶ୍ୱରୀ ମନ୍ଦିର ଓ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ବିଷମକଟକ ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପରିଡ଼ା, ବାଦଲ ରଣା, ବାଲାଜୀ ମଲ୍ଲିକ,ଗୌରୀଶଙ୍କର ପାତ୍ର, ଭୀମ ବେହେରା ପ୍ରମୁଖ ଚାରାରୋପଣ କରିଥିଲେ। ମା’ ପାଇଁ ଗଛଟିଏ ସରକାରଙ୍କ ଖାଲି ଏକ ଆହ୍ୱାନ ନୁହେଁ ବରଂ ଏହା ଆମ ବଞ୍ଚିବା ପାଇଁ ଏକ ଅଭିନବ ରକ୍ଷାକବଚ, ଆମେ ବଞ୍ଚିବା ପାଇଁ ଅମ୍ଳଜାନର ମୂଳ ଉତ୍ସ ବୃକ୍ଷକୁ ବଞ୍ଚାଇ ରଖିବା ଆଉ ନୂତନ ବୃକ୍ଷ ପର୍ଯ୍ୟାପ୍ତ ମାତ୍ରାରେ ସୃଷ୍ଟି କରିବା ଆଜି ମାନବ ସଭ୍ୟତା ପାଇଁ ଆହ୍ୱାନ ବୋଲି ଅତିଥିମାନେ ବାର୍ତ୍ତା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା କାର୍ଯ୍ୟକର୍ତ୍ତା ସୁରେଶ ଚନ୍ଦ୍ର ପ୍ରାଧାନୀ, ସଞ୍ଜୟ କୁମାର ପାତ୍ର, ଦୀପକ ରାଉତ, ସୋମନାଥ ହିକକା, କୃତ୍ତିବାସ ପୂଜାରୀ, ଜ୍ୟୋତି ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବନ ବିଭାଗ ଅଧିକାରୀ ଓ ଭାଜପା ନେତା ଚାରାରୋପଣ କରୁଛନ୍ତି।

# ଭାଜପା ବିରୋଧରେ ଯୁବକଂଗ୍ରେସର କାର୍ଯ୍ୟାନୁଷ୍ଠାନ ଦାବି

### ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଟେକା, ପଥରମାଡ଼ ଘଟଣା

ରାୟଗଡା,୫।୭(ଆଶିଷ ରଞ୍ଜନ ପଣ୍ଡା)

ସଂସଦରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଭିଭାଷଣକୁ କେନ୍ଦ୍ରକରି ଓଡ଼ିଶା ଭାଜପା କର୍ମକର୍ତ୍ତା ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଟେକା,ପଥରମାଡ଼ କରି କଂଗ୍ରେସ କର୍ମୀଙ୍କୁ ଆହତ କରିବା ଘଟଣାକୁ ରାୟଗଡ଼ା ଜିଲା ଯୁବ କଂଗ୍ରେସ ଦୃଢ଼ ବିରୋଧ କରିଛି। ଏହା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଭାଜପା କର୍ମକର୍ତ୍ତା ଗତ ୨ତାରିଖରେ ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଟେକା, ପଥର ଫିଙ୍ଗିବା ସହ ରାହୁଲ ଗାନ୍ଧୀଙ୍କ ବିରୋଧରେ ନାରାବାଜି କରିଥିଲେ।ଏଥିସହ ରାହୁଲଙ୍କ ଫଟୋଚିତ୍ରକୁ ଗୋବର ଫୋପାଡ଼ିଥିଲେ। ଏହି କାର୍ଯ୍ୟକୁ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ଦୃଢ଼ ନିନ୍ଦା କରିବା ସହ ଭାଜପା ଏକ ହିଂସ୍ର ଦଳ ବୋଲି ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ଯୁବ କଂଗ୍ରେସ ସଭାପତି ମୋହନ ନାଏକ କହିଛନ୍ତି । ଆଗାମୀ ଦିନରେ ଯଦି ପୋଲିସ ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଦୋଷୀଙ୍କୁ ଦଣ୍ଡ ନ ଦିଏ ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ଆପଲସ୍ୱାମୀ କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା, ଆଇଏନ୍‌ଟିୟୁସି ସଭାପତି ଭବାନୀ ଶଙ୍କର ଜେନା, ଜିଲା ଯୁବ କଂଗ୍ରେସ ଉପସଭାପତି ଆସଲମ ଖାନ୍, ରାୟଗଡା ନିର୍ବାଚନମଣ୍ଡଳୀ ଯୁବ ସଭାପତି ଜୋସେଫ ଖୋସ୍‌ଲା, ଉପସଭାପତି ଅଶୋକ ପୁଆଲା, ବିଷମକଟକ ନିର୍ବାଚନମଣ୍ଡଳୀ ଯୁବସଭାପତି ବଳଦେବ ଶତପଥୀ, ଯୁବନେତା ହରିଶ ପଟ୍ଟନାୟକ, ଅଙ୍କିତ ଚୌଧୁରୀ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।




କଂଗ୍ରେସ କର୍ମକର୍ତ୍ତା ଶୋଭାଯାତ୍ରାରେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

## ସଂକ୍ଷେପରେ

### ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖୋଲିଲା ଯୁକ୍ତ୨ ବିଜ୍ଞାନ

ମାଥିଲି, ୫।୭(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଥିବା ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ନୂତନ ଭାବେ ଯୁକ୍ତ୨ ବିଜ୍ଞାନ ବିଭାଗ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପତ୍ରସଂଖ୍ୟା ୭୪୯,ତା୪।୭।୨୦୨୪ ଅନୁଯାୟୀ ବିଜ୍ଞାନ ବିଭାଗ ଖୋଲିବାକୁ ବିଦ୍ୟାଳୟକୁ ଅନୁମତି ମିଳିଛି। ଯୁକ୍ତ୨ ବିଜ୍ଞାନରେ ଫିଜିକ୍ସ, ଗଣିତ, ବାୟୋଲୋଜି ଏବଂ ଆଇଟି ବିଷୟରେ ୧୨୮ ଶିଟ୍ ରହିଛି। ଏହି ବିଦ୍ୟାଳୟରେ ପୂର୍ବରୁ ଯୁକ୍ତ୨ କଳା ଓ ବାଣିଜ୍ୟ ବିଭାଗ ଚାଲୁଥିଲା। କଳାରେ ୫୧୨ ଓ ବାଣିଜ୍ୟରେ ୧୨୮ ଶିଟ୍ ରହିଛି। ଏଣିକି ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ଅଧ୍ୟୟନ ଲାଗି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନେ ସୁବିଧା ପାଇବେ। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଖୁସି ପ୍ରକାଶ ପାଇଛି।

### ଏୟାରଷ୍ଟ୍ରିପ୍ ସମସ୍ୟା ନେଇ ଆନ୍ଦୋଳନକୁ ସ୍ଥଗିତ ରଖିଲା କଂଗ୍ରେସ




ମାଲକାନଗିରି,୫।୭ (ଦୁର୍ଯ୍ୟୋଧନ ପାତ୍ର)

ଜିଲା କଂଗ୍ରେସ କମିଟି ପକ୍ଷରୁ ଗତ ଜୁନ୍ ୧୬ରେ ଏୟାର ଷ୍ଟ୍ରିପ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଥିଲା। ଏଥିରେ ଉଲ୍ଲେଖ ଥିଲା ଯେ, ଗତବର୍ଷ ଜୁନ୍ ୧ରେ ମାଲାକନଗିରି ବିମାନ ବନ୍ଦରର ପାଚେରି ଭାଙ୍ଗି ୨ଜଣ ମୃତ୍ୟୁ ହୋଇଥିଲା। ସେହିପରି ଚଳିତ ବର୍ଷ ଜୁନ୍ ୮ରେ ମଧ ପୁନର୍ବାର ଉକ୍ତ ବିମାନ ବନ୍ଦର ପାଚେରି ଭାଙ୍ଗି ଯାଇଛି। ଏଥିରୁ ବିମାନ ବନ୍ଦର ପାଚେରି କାମ ଅତି ନିମ୍ନମାନର ହୋଇଥିବା ସ୍ପଷ୍ଟ ହୋଇଛି। ଏହି ପାଚେରିକୁ ଭାଙ୍ଗି ପୁନର୍ବାର ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ଥିଲା। ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦେଲେ ଆଗାମୀ ୧୫ ଦିନ ମଧ୍ୟରେ ଜିଲାରେ ଆନ୍ଦୋଳନ କରାଯିବା ସହ ଜିଲା ବନ୍ଦ କରାଯିବ ବୋଲି କଂଗ୍ରେସ ପ୍ରକାଶ କରିଥିଲା। ତେବେ ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ପାତ୍ର ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ପ୍ରକାଶ କରିଛନ୍ତି। ଜିଲାପାଳ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଏୟାଷ୍ଟ୍ରିପର ପାଚେରିକୁ ପୁନଃନିର୍ମାଣ କରିବା ପାଇଁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦେଇଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିବାସେ ପ୍ରକାଶ କରିଛନ୍ତି। ଏହି ଖବର ସମ୍ମିଳନୀରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କଂଗ୍ରେସ କର୍ମୀ ଜି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗି, ଇସାକ ଖୋସଲା, ପ୍ରଭାକର ପାଳ, ପି. କେଶୁ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି, ୫।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ସେ ହେଲେ ନାରାୟଣପୁର ଜିଲା ଥୁଲାଥୁଲି ପଞ୍ଚାୟତର ଗାୟକ ଚୈତୁରାମ ମାଣ୍ଡବି। ବହୁସଂଖ୍ୟାରେ ମାଓବାଦୀ ଆସି ତାଙ୍କୁ ଘରୁ ଉଠାଇ ନେଇ ହତ୍ୟା କରି ଗ୍ରାମ ନିକଟରେ ଫିଙ୍ଗି ଦେଇଥିବା ଶୁକ୍ରବାର ଜଣାପଡିଛି। ତେବେ ଗତ ଦିନରେ ଏହି ଅଞ୍ଚଳରେ ପୋଲିସ ଗୁଳିରେ ୬ ଜଣ ମାଓବାଦୀ ନିହତ ହୋଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଗାୟକଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ୩ ମାଓବାଦୀ ଆତ୍ମସମର୍ପଣ

ମାଲକାନଗିରି, ୫।୭(ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜଲା ପୋଲିସ ନିକଟରେ ୩ ଜଣ ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ହିଡମା ସୋଡି(୩୬), କୋସା ବେକୋ(୨୬) ଏବଂ ଅନ୍ୟଜଣେ ରହିଛନ୍ତି। ଏହି ମାଓବାଦୀମାନେ କଟେକଲ୍ୟାଣ ଓ ଭେରମଗଡ ଏରିଆ କମିଟିରେ ସକ୍ରିୟ ରହି ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ମାଓବାଦୀ ସଙ୍ଗଠନ ଦୁର୍ବଳ ହେବା ସହ ନିଜ ନୀତି ଆଦର୍ଶ ହରାଉଥିବାରୁ ଏମାନେ ସାଧରଣ ଜୀବନ ଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି । ଆତ୍ମସମର୍ପଣ ପରେ ଏମାନଙ୍କୁ ସରକାରୀ ସୁବିଧା ପ୍ରଦାନ ସହ ୨୫ ହଜାର ଟଙ୍କା ଲେଖାଏ ଦିଆଯାଇଛି ।

# ବିହନ ନ ମିଳିବାରୁ ତାତିଲେ ଚାଷୀ

**କୃଷି ଉଦ୍ୟାନ ବିଭାଗର ଅଦା ବିହନ ବଣ୍ଟନରେ ଅନିୟମିତତା**

- ଏସବୁ ଚାଷୀଙ୍କୁ ମିଳିଲାନି ବିହନ
- ଚାଷୀଙ୍କ କାଗଜପତ୍ର ଫିଙ୍ଗିଦେଲେ କର୍ମଚାରୀ
- ଆବଶ୍ୟକତା ଅନୁଯାୟୀ ଚାଷୀ ବିହନ ପାଇବେ: ଉପ ନିର୍ଦ୍ଦେଶକ

କୋରୁକୋଣ୍ଡା,୫।୭(ଶିବଦତ୍ତ ସାହୁ)


ଅଦା ବିହନ ନେବା ପାଇଁ ଆସିଥିବା ଚାଷୀ ।

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକରେ କୃଷି ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଅଦା ବିହନ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଶତାଧିକ ଚାଷୀ ଏହି ଅଭିଯୋଗ ଆଣି ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ କରିଛନ୍ତି। ବିହନ ନ ମିଳିବାରୁ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୁରୁବାର କୋରୁକୋଣ୍ଡା ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ବିହନ ବଣ୍ଟନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ତେବେ ଏହି ଅଞ୍ଚଳର ଶତାଧିକ ଚାଷୀ ଅଦା ବିହନ ନେବାକୁ ସକାଳୁ ଆସି ଅପେକ୍ଷା କରିଥିଲେ। ହେଲେ ଉଦ୍ୟାନ ବିଭାଗ ପକ୍ଷରୁ ଏଏଚଓ ବିହନ ବଣ୍ଟନ ଆରମ୍ଭ କରାଯାଇଥିଲା। ତେବେ ଗୋଟିଏ ବସ୍ତାରେ ଥିବା ଅଦାକୁ ୪ ଜଣ ଚାଷୀଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ଏହି ସମୟରେ ଚାଷୀଙ୍କ ସମସ୍ତ ଦରକାରୀ କାଗଜପତ୍ର ସେଠାରେ ରଖାଯାଉଥିଲା। ଆବଶ୍ୟକଠାରୁ କମ୍ ବିହନ ଆସିଥିବା ବେଳେ ଚାଷୀଙ୍କ ସଂଖ୍ୟା ଅଧିକ ଥିଲା। ଫଳରେ ବହୁ ଚାଷୀ ଅଦା ବିହନ ପାଇବାରୁ ବଞ୍ଚିତ ହୋଇଥିଲେ। ଚାଷୀ ଅଦା ବିହନ ନ ପାଇବାରୁ ସେଠାରେ ପାଟିତୁଣ୍ଡ କରିଥିଲେ। ଦୀର୍ଘ ସମୟ ଧରି ଚାଷୀ ଏବଂ ଅଧିକାରୀଙ୍କ ମଧ୍ୟରେ ଏ ନେଇ ଯୁକ୍ତିତର୍କ ହୋଇଥିଲା। ଏହା ପରେ ବିଭାଗୀୟ କର୍ମଚାରୀମାନେ ଚାଷୀଙ୍କ କାଗଜପତ୍ରକୁ ଫିଙ୍ଗି ଦେଇ ଚାଲିଯାଇଥିଲେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ଅଦା ବିହନ ଦେବା ପୂର୍ବରୁ ସମସ୍ତ ଚାଷୀଙ୍କ ଦରକାରୀ କାଗଜପତ୍ର ଗ୍ରହଣ କରିବା ସହ ୬ ହଜାର ଟଙ୍କା ଲେଖାଏ ଆଦାୟ କରିବା କଥା। ମାତ୍ର ଏଠାରେ ସେଭଳି କିଛି କରା ନ ଯାଇ ଚାଷୀଙ୍କୁ ଡାକି ମନଇଚ୍ଛା ଅଦା ବିହନ ପ୍ରଦାନ କରାଯିବାରୁ ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ ୦.୧ ହେକ୍ଟର ଜମି ପାଇଁ ୭୦ କିଲୋ ଅଦା ବିହନ ଓ ୦.୨ ହେକ୍ଟର ଜମିପାଇଁ ୧୪୦ କିଲୋ ଅଦା ବିହନ ଚାଷୀଙ୍କୁ ଦେବା କଥା। ଏଠାରେ ସେଭଳି କିଛି କରା ନ ଯାଇ ଚାଷୀଙ୍କୁ ଅଳ୍ପ ବିହନ ଦେବାରୁ ପରିସ୍ଥିତି ବିଗିଡିଥିଲା। କୋରୁକୋଣ୍ଡା ବ୍ଲକରେ ୬୦ ହେକ୍ଟର ଜମିରେ ଅଦା ଚାଷ କରାଯିବାକୁ ଥିବାବେଳେ ୪୨୦ କୁଇଣ୍ଟାଲ ଅଦା ବିହନ ବଣ୍ଟନ କରାଯିବା ଉଦ୍ୟାନ ବିଭାଗ ଲକ୍ଷ୍ୟ ରଖିଛି। ବ୍ଲକର ଏଏଚଓମାନଙ୍କ ଦ୍ୱାରା ଚାଷୀଙ୍କୁ ଏହି ବିହନ ବଣ୍ଟନ କରାଯିବ। ଏନେଇ ଜିଲା ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ସେ ଅବଗତ ଅଛନ୍ତି। ଅଧିକ ବିହନ ଆସି ନ ଥିବାରୁ ଚାଷୀଙ୍କୁ ଅଳ୍ପ ଅଳ୍ପ ବିହନ ପ୍ରଦାନ କରାଯାଉଛି। ତେବେ ସମସ୍ତ ଚାଷୀ ନିଜ ଜମି ଅନୁଯାୟୀ ବିହନ ପାଇବେ ବୋଲି ସେ କହିଥିଲେ।

## ଗ୍ଲୋବାଲ ସ୍କୁଲରେ ବନ ମହୋତ୍ସବ

ଜୟପୁର,୫।୭(ପବନ ପାଣିଗ୍ରାହୀ)

ବାରିଣିପୁଟ, ମାଲିଗୁଡ଼ା ନିକଟସ୍ଥ ଲକ୍ଷ୍ମୀ ବିକାଶ ଗ୍ଲୋବାଲ ସ୍କୁଲଠାରେ ବନ ବିଭାଗ ସହଯୋଗରେ ବନ ମହୋତ୍ସବ ପାଳିତ ହୋଇଛି। ଏଥିରେ ଜୟପୁର ବନ ବିଭାଗର ଆସିଷ୍ଟାଣ୍ଟ କଞ୍ଜରଭେଟର ପ୍ରସନ୍ନ ମିଶ୍ର ମୁଖ୍ୟ ଅତିଥି, ରେଞ୍ଜ ଅଫିସର ସଚ୍ଚିଦାନନ୍ଦ ପରିଡ଼ା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସୀମାଞ୍ଚଳ ତ୍ରିପାଠୀ ଓ ଆରତି ଦାସ ଉପସ୍ଥିତ ଥିଲେ। ଶିଶୁମାନଙ୍କୁ ଆଗାମୀ ଭବିଷ୍ୟତରେ ପରିବେଶ ସଂରକ୍ଷଣରେ ସେମାନଙ୍କ ଭୂମିକା ସମ୍ପର୍କରେ ମୁଖ୍ୟ ଅତିଥି ମିଶ୍ର ବୁଝାଇଥିଲେ। ଶିଶୁମାନଙ୍କୁ ବିଭିନ୍ନ ବନ୍ୟଜନ୍ତୁ, ଔଷଧୀୟ ବୃକ୍ଷ ଉପରେ ସମ୍ମାନିତ ଅତିଥି ପରିଡା ବୁଝାଇଥିଲେ। ଏହି ଅବସରରେ ହୋଇଥିବା କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀ ସପ୍ତମ ଶ୍ରେଣୀର ଭାନୁପ୍ରିୟା ସାହୁ ଓ ପଞ୍ଚମ ଶ୍ରେଣୀର ସାହିଲ ସେଠୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସମସ୍ତେ ମିଶି ଉପର କଲୋନୀଠାରେ ଚାରାରୋପଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ ମହୋତ୍ସବ ଅବସରରେ ବିଦ୍ୟାଳୟରେ ଚାରାରୋପଣ



ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ଚାରା ରୋପଣ କରୁଛନ୍ତି।

ପଟ୍ଟାଙ୍ଗି,୫।୭(ଶରତ ଧଳ)

ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷର ଉପଯୋଗିତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ। ମୁଖ୍ୟଅତିଥି ଭାବେ ଫରେଷ୍ଟର ସୁଶାନ୍ତ ସେଠୀ ଯୋଗ ଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଚାରାଟିଏ ଲଗାଇ ତାହାର ଯତ୍ନନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଫରେଷ୍ଟ ଗାର୍ଡ ମନୋରଞ୍ଜନ ବିଶୋୟୀ ଯୋଗଦେଇ ଜୀବଜଗତ ପାଇଁ ବୃକ୍ଷ ଏକାନ୍ତ ପ୍ରୟୋଜନ ବୋଲି କହିଥିଲେ। ଅଧ୍ୟାପକ ଅଶୋକ ନାୟକ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ଲିମ୍ବ, ଅଁଳା, କାଜୁ, ମେହେଗାନି, ଫଣଫଣା, ବେଲ, ଡୋଳି ଚନ୍ଦନ, ଜାମୁ, ଅର୍ଜୁନ, ଲେମ୍ବୁ ଆଦି ବିଭିନ୍ନ କିସମର ଚାରା ଲଗାଇଥିଲେ। ଚଳିତ ବର୍ଷା ଋତୁରେ ଆହୁରି ଅନେକ ପ୍ରକାର ଔଷଧୀୟ ଓ ମସଲା ଚାରା ଲଗାଇବା ଯୋଜନା ରହିଛି ବୋଲି ଅଧ୍ୟକ୍ଷ ସାମଲ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ କାଉନସିଲର ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁ, ଅଧ୍ୟାପିକା ଜ୍ୟୋସ୍ନାମୟୀ ସାହୁ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପାରା ଫରେଷ୍ଟି ଅଶୋକ ପୂଜାରୀ, ଅଧ୍ୟାପକ ଶେଷଦେବ ବାରିକ, ଲାଇବ୍ରେରିଆନ ସଞ୍ଜୟ ପରିଡା, ଡେମୋନଷ୍ଟ୍ରେଟର ସୁଧାଂଶୁ ଭୂଷଣ ଜେନା, ହୃଷୀକେଶ ପ୍ରଧାନ, ଅନିଲ ଖିଲ, ମନୋଜ ଦାସ, ତୋଟାପାଡିଆ ଜିନୁ, ଫକୀର ମୋହନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ସମସ୍ୟା ସମାଧାନ ନେଇ ଦେଲେ ପ୍ରତିଶ୍ରୁତି

**ବନ ମହୋତ୍ସବରେ ଯୋଗଦେଲେ ବିଧାୟକ**

କୁନ୍ଦୁରା,୫।୭(ସନ୍ତୋଷ ପ୍ରହରାଜ)


ବିଧାୟକ ରୁପୁ ଭତ୍ରା ଚାରାରୋପଣ କରୁଛନ୍ତି।

ନବନିର୍ବାଚିତ ବିଧାୟକ ରୁପୁ ଭତ୍ରା ଶୁକ୍ରବାର କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗସ୍ତ କରି ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ବିଧାୟକ କୁନ୍ଦୁରାରେ ପହଞ୍ଚିବା ପରେ ତାଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ସଂଘ ଜିଲା ସଭାପତି ତ୍ରିନାଥ ହରିଜନ ଏବଂ ବ୍ଲକ ସଭାପତି ତ୍ରିନାଥ ପଣ୍ଡା ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଯୁକ୍ତ ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ୧୨ ବର୍ଷ ହେଲାଣି କୁନ୍ଦୁରା ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ ଚାଲିଛି। ଫଳରେ ଏଥିଯୋଗୁ ବିଭିନ୍ନ ସମସ୍ୟା ଦେଖାଦେଉଛି। ଏଥିସହ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡିକର ଶ୍ରେଣୀ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେଗୁଡିକର ପୁନରୁଦ୍ଧାର କରିବା, ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ କରିବା ଲାଗି ସଂଘ ପକ୍ଷରୁ ବିଧାୟକ ଭତ୍ରାଙ୍କ ନିକଟରେ ଦାବି କରାଯାଇଥିଲା। ଶିକ୍ଷକ ସଂଘର ଦାବି ଓ ସମସ୍ୟାଗୁଡିକୁ ଶୁଣି ଏହାର ସମାଧାନ କରାଯିବ ବୋଲି ବିଧାୟକ ଭତ୍ରା ପ୍ରତିଶ୍ରୁତି ଦେଇଥିଲେ। ପରେ ବିଧାୟକ ସ୍ଥାନୀୟ ଶ୍ରୀ ଅରୋବିନ୍ଦ ଶିକ୍ଷା ନିକେତନଠାରେ ବନ ବିଭାଗ ପକ୍ଷରୁ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ବିଧାୟକ ଛାତ୍ରୀଛାତ୍ରଙ୍କ ଗହଣରେ ଚାରା ଲଗାଇଥିଲେ। ଏହାଦ୍ୱାରା ଅଞ୍ଚଳର ବିକାଶ ଏବଂ ଧରିତ୍ରୀର ସୁରକ୍ଷା ସାଙ୍ଗକୁ ପରିବେଶ ସୁରକ୍ଷା ହୋଇଥାଏ ବୋଲି ସେ ବୁଝାଇଥିଲେ। ପରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟଠାରେ ଆୟୋଜିତ ବନ ମହୋତ୍ସବରେ ବିଧାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା, ଏସ୍‌ଏମସି ସଭାପତି ପ୍ରଦୀପ ନାୟକ, ଆଲୁମ୍ନି ସଭାପତି ବୃନ୍ଦାବନ ପାତ୍ର, ବରିଷ୍ଠ ଭାଜପା ନେତା ଅମ୍ଭୁ ପାତ୍ର, ସୁନ୍ଦର ମାଳି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଧାୟକ ଭତ୍ରା ବାଗଦେରି ପଞ୍ଚାୟତରେ ଦଳୀୟ କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ।

### ୪ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୫।୭ (ପବନ ପାଣିଗ୍ରାହୀ)

ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳାଳି ବିଜେତାଙ୍କୁ ଡି.ପି ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ନିମେଇ ଚରଣ ଦାସ, ଆଶିତ ପଟ୍ଟନାୟକ, ଦେବଦତ୍ତ ଦାସ, ସୁବ୍ରତ ପଣ୍ଡା, ଗୌରି ପ୍ରସାଦ ପଟ୍ଟନାୟକ, ଭି.ପ୍ରଭାକର ପଟ୍ଟନାୟକ ଉପସ୍ଥିତ ରହି ଖେଳାଳି ସଚ୍ଚିଦାନନ୍ଦ ପରିଡା, ସିଦ୍ଧାର୍ଥ ନାୟକ, ଅଶିତ ପଟ୍ଟନାୟକ, ବୁନୁ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ସୁନାବେଡାରେ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳ ଅନୁଷ୍ଠିତ ହୋଇଥିଲା ।

## ସବୁଜ ସୁନ୍ଦର ପରିବେଶ ପାଇଁ ଆହ୍ୱାନ ଦେଲେ ବିଧାୟକ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ବନ କର୍ମଚାରୀ ଓ ଗ୍ରାମବାସୀମାନେ ।

ମାଲକାନଗିରି,୫।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାହାଡ ଉପରେ ଥିବା ନାକାମାମୁଡି ପଞ୍ଚାୟତର ଡାଇକ-୨ ଗ୍ରାମରେ ଶୁକ୍ରବାର ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମିତା କହଁର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇ ଲଣ୍ଡା ପାହାଡକୁ ଚାରାରୋପଣ ମାଧ୍ୟମରେ ସବୁଜ ସୁନ୍ଦର କରିବା ପାଇଁ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଧି, ସମ୍ମାନିତ ଅତିଥି ନାକାମାମୁଡି ସରପଞ୍ଚ ସିତମ ମୁଦୁଲି, ସବୁଜବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଉପସ୍ଥିତ ଥିଲେ। ଜଙ୍ଗଲ ପରିବେଶ ଓ ଜଳବାୟୁ ପ୍ରଦୂଷଣ, ଜଙ୍ଗଲ ଆମର କି ଉପକାରରେ ଆସିଥାଏ, ଜଙ୍ଗଲକୁ ନଷ୍ଟ ନ କରି ଜଙ୍ଗଲରେ ଗଛ ଲଗାଇ ଜଙ୍ଗଲ ବୃଦ୍ଧି କଲେ କଣ ଲାଭ ହୋଇଥାଏ ସେ ସମ୍ପର୍କରେ ଅତିଥିମାନେ ନିଜ ମତ ରଖିଥିଲେ। ବିଧାୟକ ଖିଲ ପୋଡୁଚାଷ ନ କରିବା, ବନ୍ୟଜନ୍ତୁ ଶିକାର ନ କରିବା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଅତିଥିମାନଙ୍କ ସହ ଗ୍ରାମବାସୀ ଏହି ଅବସରରେ ଚାରା ରୋପଣ କରିଥିଲେ। ବନପାଳ ମୋହନ ଗୁଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନରକ୍ଷୀ ପି. ସନ୍ତୋଷ କୁମାର, ସୁଜାତା ମଣ୍ଡଳ, ପ୍ରଶାନ୍ତ ରାଉତଙ୍କ ସହ ଉପସ୍ଥିତ ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ନେଇ ଶପଥ ପାଠ କରିଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ

ମାଲକାନଗିରି,୫।୭ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିଜିଲା ସଦର ମହକୁମାସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ଯୁବ ରେଡକ୍ରସ ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଚାରାରୋପଣର ଗୁରୁତ୍ୱ ଉପରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଚାରାରୋପଣ କରିବା ଦ୍ୱାରା ମଣିଷ, ଗ୍ରାମର, ଜିଲା, ରାଜ୍ୟ, ଦେଶ ଓ ସାରା ବିଶ୍ୱର ଉପକାର ହୁଏ ବୋଲି କହିଥିଲେ। ଏବେ ବିଶ୍ୱରେ ଅମ୍ଳଜାନ ଦିନକୁ ଦିନ କମିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଉଛି ଗଛ କାଟିବା। ଜଙ୍ଗଲ କ୍ଷୟ ହେଲେ ଅମ୍ଳଜାନ ହ୍ରାସ ପାଇବା ସହ ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଉଛି। ଏହାର ଭରଣା ଲାଗି ପ୍ରତ୍ୟେକ ଚାରାରୋପଣ କରିବା ଏବଂ ପ୍ରତ୍ୟେକ ଛାତ୍ରୀ ନିଜ ନିଜ ଘରେ ଗୋଟିଏ ଲେଖାଏ ଚାରାରୋପଣ କରି ତାହାର ଯତ୍ନ ନେବାକୁ ଅଧ୍ୟକ୍ଷ ଜେନା ପରାମର୍ଶ ଦେଇଥିଲେ। ବନ ବିଭାଗ କର୍ମଚାରୀ ଓ ବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକମାନେ ସହଯୋଗ କରିଥିଲେ।

## ସହରର ମୁଖ୍ୟ ରାସ୍ତାର ଅସ୍ଥାୟୀ ମରାମତି କଲା ବିଭାଗ

କୋରୁକୋଣ୍ଡା,୫।୭ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ପ୍ରବେଶ ପଥଠାରୁ ପାୱାର ହାଉସ ଛକ ଏବଂ ଗୋପବନ୍ଧୁ ଛକଠାରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ଥିବା ସହରର ମୁଖ୍ୟରାସ୍ତା ଅଧିକାଂଶ ସ୍ଥାନରେ ପିଚୁ ଉଠି ଯିବା ସହ ବିଭିନ୍ନ ସ୍ଥାନରେ ଛୋଟ ବଡ ଖାଲ ଖମା ସୃଷ୍ଟି ହୋଇଛି। ବର୍ଷାହେଲେ ଖାଲଗୁଡିକରେ ପାଣି ଜମି ଯାତାୟାତରେ ସମସ୍ୟା ଉପୁଜୁଛି। ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ସହ ଏହାର ଏକ ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଏନେଇ ଗତ ୨୧।୬।୨୦୨୪ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଆସନ୍ତା ୭ରେ ବାଲିମେଳା ସହରରେ ହେବାକୁ ଥିବା ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରାଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସହରରେ ବହୁ ସଂଖ୍ୟାରେଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସହରର ମୁଖ୍ୟରାସ୍ତାର ବିଭିନ୍ନ ଅଞ୍ଚଳରେ ଥିବା ଖାଲଖମାଗୁଡିକ ପୋତିବା ଓ ମରାମତି କରିବା ଲାଗି ରାସ୍ତା ଓ ଗୃହ ନିର୍ମାଣ ବିଭାଗ କନିଷ୍ଠଯନ୍ତ୍ରୀ ମହାଦେବ କୁମ୍ଭାର ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରଥଯାତ୍ରା ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁସାରେ ନିବେଦନ କରାଯାଇଥିଲା। ଆବଶ୍ୟକ ଅନୁସାରେ ରାସ୍ତା ମରାମତି ପାଇଁ ବାଲିମେଳା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅରୁଣ ପାତ୍ର ନାମକ ଜଣେ ଠିକାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ କୁମ୍ଭାର କହିଛନ୍ତି ଠିକାଦାରଙ୍କ ଦ୍ୱାରା ଶୁକ୍ରବାର ବାଲିମେଳା ସହରର ମୁଖ୍ୟରାସ୍ତାର ବିଭିନ୍ନ ଅଞ୍ଚଳରେ ଥିବା ଖାଲଖମାଗୁଡିକରେ ମେଟାଲ ଓ କ୍ରସରଗୁଣ୍ଡ ପକାଇ ପୋତା ଯାଇଛି। ରଥଯାତ୍ରାକୁ ଦୃଷ୍ଟିରେ ରଖି ଏଭଳି ଅସ୍ଥାୟୀ କାର୍ଯ୍ୟ କରାଯାଇଛି। ତେବେ ପୁନର୍ବାର ସହରର ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଏଷ୍ଟିମେଟ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି। ଅନୁମୋଦନ ହୋଇ ଆସିବା ପରେ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି କୁମ୍ଭାର କହଛନ୍ତି।


ରାସ୍ତାରେ ମାଟି ପକାଯାଉଛି ।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ଜଳ ସଙ୍କଟ

- ଟିକେ ବର୍ଷା ହେଲେ ସୋଲାର ପ୍ରକଳ୍ପରୁ ବାହାରୁନି ପାଣି
- ନଳକୂପରୁ ବାହାରୁଛି ଗୋଳିଆ ପାଣି
- ଦୁଇ ଦିନ ଭିତରେ ଗ୍ରାମକୁ ଜଳ ଯୋଗାଣ: ଉପଜିଲାପାଳ

କୋରାପୁଟ,୫।୭(ଅମିତାଭ ବେହେରା)


ମହିଳାମାନେ ଚୁଆରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

କୋରାପୁଟ ସଦର ମହକୁମା ମାନବାର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଝଡିଗୁଡାର କୁମ୍ଭାର ସାହି ଓ ମାଳିସାହିରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହି ଦୁଇ ସାହିରେ ୬୦ ଘର ଓ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି । ଏହି ଦୁଇ ସାହି ପାଇଁ ଗୋଟେ ମାତ୍ର ନଳକୂପ ରହିଛି। ସେହି ନଳକୂପରୁ ଗୋଳିଆ ପାଣି ବାହାରୁଛି। ଫଳରେ ଏହା ପିଇବା ଉପଯୋଗୀ ହୋଇପାରୁନାହିଁ। ସାହି ବାସିନ୍ଦା ଅଙ୍ଗନୱାଡି ଓ ନିକଟସ୍ଥ ବିଦ୍ୟାଳୟ ନଳକୂଅରୁ ପାଣି ଆଣି ବ୍ୟବହାର କରୁଥିଲେ। ଏବେ ସେହି ଦୁଇ ନଳକୂଅରୁ ପାଣି ବାହାରୁନାହିଁ। ଯଦି କିଛି ପାଣି ନଳକୂପରୁ ବାହାରୁଛି ତାହ ମାଟିଆ ଓ ଗୋଳିଆ ପାଣି। ଦୁଇ ସାହି ପାଇଁ ଗୋଟେ ସୋଲାର ପ୍ରକଳ୍ପ ରହିଛି। ଖରା ହେଲେ ସେଇ ସୋଲାର ପ୍ରକଳ୍ପରୁ ପାଣି ବାହାରୁଛି । ଟିକେ ବର୍ଷା ହେଲେ ସୋଲାର ପ୍ରକଳ୍ପରୁ ପାଣି ବାହାରୁନାହିଁ । ଏପରି ସ୍ଥିତିରେ ଦୁଇସାହି ବାସିନ୍ଦା ନିକଟସ୍ଥ ଚୁଆ ଓ ନାଳ ପାଣି ବ୍ୟବହାର କରୁଛନ୍ତି । ସେହି ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଗ୍ରାମରେ ଜର,ଥଣ୍ଡା, ଝାଡ଼ାବାନ୍ତି ଭଳି ରୋଗ ଦେଖାଦେଉଛି । ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୩ କି.ମି. ଦୂରରେ ଏହି ଗ୍ରାମ ରହିଥିଲେ ମଧ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଦୁଇ ସାହି ପାଇଁ ଗୋଟେ ନୂତନ ନଳକୂପ ବସାଇବା ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ଗ୍ରାମର ଚନ୍ଦ୍ରମା ଖିଲ, ଦେବକୀ ହନ୍ତାଳ କହିଛନ୍ତି । ଏ ନେଇ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏନେଇ କୋରାପୁଟ ବିଡିଓଙ୍କ ସହିତ ଆଲୋଚନା କରିଥିଲେ । ବିଡିଓ ଏ ନେଇ ଅବଗତ ଅଛନ୍ତି। ଦୁଇ ଦିନ ଭିତରେ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବ ବୋଲି ଉପଜିଲାପାଳ ବେଣୁଧର ଶବର କହିଥିଲେ।

**ସଂକ୍ଷେପରେ**

## ଜିଲାସ୍ତରୀୟ ମିର୍ଗାନ ସମାଜର ବୈଠକ

କୋଷାଗୁମୁଡ଼ା/କୋଡ଼ିଙ୍ଗା, ୫।୭ (ପ୍ରସାଦ ବିଷୋୟୀ/ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ୍ ବାଲେଙ୍ଗା ପଞ୍ଚାୟତ ବାଲେଙ୍ଗାଠାରେ ମିର୍ଗାନ ସମାଜର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବରଙ୍ଗପୁର ଜିଲା ସମସ୍ତ ପଞ୍ଚାୟତରୁ ପ୍ରାୟ ୧୨୦୦ରୁ ଅଧିକ ସ୍ତ୍ରୀ ଏବଂ ପୁରୁଷ ଉପସ୍ଥିତ ଥିଲେ। ବାଲେଙ୍ଗା ଗ୍ରାମରେ ନବରଙ୍ଗପୁର ଜିଲା ସମାଜ ଦାୟିତ୍ୱ ରେଥିବା ମୁଖ୍ୟ ନାୟକ ଭାଦୁ ମିର୍ଗାନ ଏବଂ ସବୁ ପଞ୍ଚାୟତର ନାୟକ ସମରଥ ଉପସ୍ଥିତ ଥିଲେ। ସମାଜର ଅନେକ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ସମାଜରୁ କୁସଂସ୍କାର ଦୂର, ନିଶାମୁକ୍ତ ଏବଂ ସମସ୍ତ ପରିବାରର ପିଲାମାନେ କିପରି ପଢ଼ିବେ ସେଥିପାଇଁ ଯତ୍ନବାନ୍ ହେବାକୁ ଆଲୋଚନା କରାଯାଇଛି। ଏଥିସହ ବୈଠକରେ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଚନ୍ଦ୍ରଭାନୁ କାମୁଡି (ଅସଙ୍ଗା) ଜିଲା ସଭାପତି, ଟିକି ଚରଣ ନାୟକ (ବଡ ଆମ୍ବଡା) ସମ୍ପାଦକ, ଦୁର୍ଯ୍ୟୋଧନ ମିର୍ଗାନ କୋଷାଧ୍ୟକ୍ଷ (ବାଲେଙ୍ଗା), ଦୟାରାମ ପନକା (ମଝିଧନୁଆ ) ଉପସଭାପତି, ଯୋଗେନ୍ଦ୍ର ପନକା (ବଜରଗଡ଼)ଙ୍କୁ ସହ ସମ୍ପାଦକ ଭାବେ ବଛାଯାଇଥିଲା। ସମସ୍ତ ପଞ୍ଚାୟତସ୍ତରୀୟ ସଭାପତି ଓ ସମ୍ପାଦକ ମଧ୍ୟ ଚୟନ କରାଯାଇଥିବା ଭାଗୁଦ୍ର ମିର୍ଗାନ କହିଥିଲେ। ସଭାପତି ଦାୟିତ୍ୱ ଗ୍ରହଣ କଲା ପରେ ଚନ୍ଦ୍ରଭାନୁ କାମୁଡ଼ି ସମାଜକୁ ସୁଦୃଢ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କୋର୍ଟ ପକ୍ଷରୁ ଚାରାରୋପଣ



ଚନ୍ଦାହାଣ୍ଡି, ୫।୭(ଦିଲ୍ଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ତାଲୁକ ଲିଗାଲ ଏଡ୍ ପକ୍ଷରୁ ଚାରାରୋପଣ କରାଯାଇଛି। ଚନ୍ଦାହାଣ୍ଡି ୧ମଶ୍ରେଣୀ ବିଚାରପତି ଜରିନ ଖାନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯାଦବ ମାଝୀ ବାଳିକା ବିଦ୍ୟାଳୟ ଚାରିପଟେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଏଥିସହ ବିଦ୍ୟାଳୟ ଛାତ୍ରୀମାନଙ୍କୁ ଚାରାରୋପଣର ଉପକାରିତା ସମ୍ପର୍କରେ ବୁଝାଇବା ସହ ଘର ଚାରିପାଖରେ ଚାରାରୋପଣକରି ସୁସ୍ଥ ପରିବେଶ ଗଠନ ପାଇଁ ଜେଏମ୍ଏଫ୍‌ସି ଜରିନ୍ ପରାମର୍ଶ ଦେଇଥିଲେ। କୋର୍ଟ ଚତୁଃପାର୍ଶ୍ୱରେ ଫୁଲବଗିଚା କରି ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ଓକିଲମାନେ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମରେ ଆଇନଜୀବୀ ମହମ୍ମଦ ହୁସେନ, ସରୋଜ ଅଗସ୍ତି, ଜୟଦେବ ଖମାରୀ, ହୁମେଶ୍ୱର ହଂସ, ହୀରାଧର ମାଳି, ଶ୍ୟାମସୁନ୍ଦର ସୁନାନୀ, ଓକିଲ ଗୁମସ୍ତା ସୀମାଞ୍ଚଳ ଗଣ୍ଡା, ବଂଶୀଧର ନାୟକ, କ୍ଷୀରସିନ୍ଧୁ ସାହୁ, କୋର୍ଟ କର୍ମଚାରୀ କେଦାରଗୌରୀ ପାଣ୍ଡିଆ, କେଶରୀ ମାନହୀର, ନିରୁତ୍ତମ ସେଠୀ, ଆଶିଷ ସାହୁ, ଅମ୍ରିତା କୁଲଦୀପ, ଅନିମା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା



ପାପଡ଼ାହାଣ୍ଡି, ୫।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଖୁଟବାଇ କ୍ଲଷ୍ଟର ସାନପାଞ୍ଜରିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟର ମୃତ ଶିକ୍ଷକ ସଦାଶିବ ସାନ୍ତାଙ୍କ ପରିବାରକୁ ଗୁରୁବାର ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ସଦାଶିବଙ୍କ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଜୁନ୍ ୨୪ରେ ମୃତ୍ୟୁ ହୋଇଥିଲା। ପାପଡ଼ାହାଣ୍ଡି ବ୍ଲକ୍ ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଦସ୍ୟମାନେ ତାଙ୍କୁ ଭେଟି ଦୁଃଖ ପ୍ରକାଶ କରିବା ସହ ସ୍ତ୍ରୀ ରମା ସାନ୍ତାଙ୍କୁ ସଂଘ ତରଫରୁ ୪୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ ଜିଲା ସମ୍ପାଦକ ଦିଲୀପ ସ୍ୱାଇଁ, ବ୍ଲକ୍ ସଭାପତି ମେଘାସ୍ଥିନ ଜାଲ, ସମ୍ପାଦକ ବସନ୍ତ ନାୟକ, ଶିକ୍ଷକ ପଙ୍କଜ ପ୍ରଧାନୀ, ବିଜୟ ମହାପାତ୍ର, ବିଶ୍ୱଜିତ ହିରଣ, ରମେଶ ବେନିଆ, ଉଦ୍ଧବ ଜାନୀ, ଲମ୍ବୋଦର କର୍ମଲା ,ଧନସିଂ ଭତରା, ଟଙ୍କଧର କଲାର ପ୍ରମୁଖ ଉପସ୍ଥିତ ଥିଲେ।

# ମିଳୁନି ଉଚିତ ମୂଲ୍ୟ, କାଜୁଚାଷ ପ୍ରତି ଚାଷୀ ବିମୁଖ

ଉମରକୋଟ, ୫।୭(ସନ୍ତୋଷ ଶତପଥୀ)



ଲାଭଦାୟକ ଫସଲ କାଜୁ। କିନ୍ତୁ ନବରଙ୍ଗପୁର ଜିଲା ଉମରକୋଟରେ ଏହାର ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ ଏବେ କାଜୁଚାଷ କରିବାକୁ ମନ ବଳାଉନାହାନ୍ତି। ଏହା ବଦଳରେ ମକା ଓ ପରିବା ଆଦି ଚାଷ କରିବାକୁ ବିଶେଷ ଆଗ୍ରହ ଦେଖାଉଛନ୍ତି ଉମରକୋଟ ବ୍ଲକ୍ ବଡ଼କୁମାରୀ ଗ୍ରାମର ଚାଷୀ।

ଦୀର୍ଘ ୨୦ରୁ ୨୫ ବର୍ଷ ହେବ କାଜୁଚାଷକରି ଯେଉଁ ଚାଷୀ ପରିବାର ପ୍ରତିପୋଷଣ କରୁଥିଲେ ଏବେ ଏକର ଏକର କାଜୁ ଗଛ ଲଗାଇଥିବା ଜମିରୁ ଗଛ ଉପାଡ଼ ଅନ୍ୟ ଫସଲ କରୁଛନ୍ତି। କାଜୁ ଚାଷ ପାଇଁ ନବରଙ୍ଗପୁର ଜିଲାର ପାଣିପାଗ ଉପଯୁକ୍ତ। କିନ୍ତୁ ବର୍ତ୍ତମାନ ନୀଳଗିରି ଚାଷ ଯୋଗୁ ବେଶି କ୍ଷତି ସହିବାକୁ ପଡୁଛି। ୪ ଏକର ଜମିରେ କାଜୁ ଲଗାଇଥିଲେ, କିନ୍ତୁ ଏହାର ଉଚିତ ମୂଲ୍ୟ ମିଳୁନି। ଯାହା ମିଳୁଛି ଶ୍ରମିକ ଓ ଅନ୍ୟ ଖର୍ଚ୍ଚ ହେଉଛି। ପୂର୍ବରୁ ଏକର ବଗିଚାରୁ ୪ରୁ ୫ କୁଇଣ୍ଟାଲ କାଜୁ ବାହାରୁଥିଲା। ଏବେ ଦେଢ଼ କୁଇଣ୍ଟାଲ ବାହାରୁଛି। ମକା ରେଟ୍ ଭଲ ଥିବାରୁ ମକାଚାଷ କରିବାକୁ ଇଚ୍ଛା କରିଛନ୍ତି ବୋଲି ବଡ଼କୁମାରୀ ଗ୍ରାମର ଜଣେ ଚାଷୀ କହିଛନ୍ତି। ସେହିଭଳି ଅନ୍ୟ ଜଣେ ଚାଷୀ କହିଛନ୍ତି, ଏକର ପିଛା ମାତ୍ର ୧ କୁଇଣ୍ଟାଲ କାଜୁ ବାହାରୁ ଥିବାରୁ ଏବେ ଫଳ, ପନିପରିବା ଚାଷକରୁଛୁ। ନୀଳଗିରି ଚାଷ ହେତୁ ଜଳସ୍ତର କମୁଥିବାରୁ କାଜୁଗଛକୁ ପାଣି ମିଳୁନାହିଁ। ତେଣୁ ଫସଲ କମିଯାଉଥିବା ସେ କହିଛନ୍ତି।

ବଜାରରେ ୮୦ରୁ ୧୦୦ ଟଙ୍କାରେ କାଜୁ କିଲୋ ବିକ୍ରି କରୁଛୁ। କିନ୍ତୁ ଯେତେବେଳେ କିଣିବାକୁ ଯାଉଛୁ କିଲୋ ପ୍ରତି ୧୨୦୦ ଟଙ୍କା ରହୁଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ନୀଳଗିରି ଚାଷ ଯୋଗୁ ଭୂତଳ ଜଳସ୍ତର ଖସୁଛି। ନୀଳଗିରି ଗଛର ଛାଇ ବା ପତ୍ର ପଡିଲେ ମଧ୍ୟ ସେହି ଜାଗାରେ ଫସଲ ହେବା ମୁସ୍କିଲ ହେଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ହାଟ ବଜାରକୁ ପ୍ରବଳ କାଜୁ ଆସୁଥିଲା, ବର୍ତ୍ତମାନ ତାହାର ଅଧା ମଧ୍ୟ ଆସୁନାହିଁ। ଅନ୍ୟପଟେ କାଜୁ ଗଛ ଗୁଡିକର ବୟସ ଅଧିକ ହେବାରୁ ଫଳ ଧରୁନି। ତେଣୁ କାଜୁ ଚାଷ ପ୍ରତି ଚାଷୀ ବିମୁଖ ହେଉଛନ୍ତି। ପ୍ରଶାସନ ଓ ସରକାର ଧ୍ୟାନଦେଲେ ଚାଷୀ ଉପକୃତ ହେବେ ବୋଲି କାଜୁ ବ୍ୟବସାୟୀ କହିଛନ୍ତି। ଏ ନେଇ ଉମରକୋଟ ଉଦ୍ୟାନ ବିଭାଗ ଅଧିକାରୀ ସରୋଜ ସେନାପତିଙ୍କୁ ପଚାରିବାରୁ ପ୍ରତି ବର୍ଷ ଉମରକୋଟରେ ପ୍ରାୟ ୮୦ରୁ ୯୦ ହେକ୍ଟର କାଜୁ ଚାଷ ହେଉଛି। ୨୫ ବର୍ଷ ପୂର୍ବରୁ ସିଜଲିଙ୍ଗ ଉପାୟରେ ଯେଉଁ ଚାରା ଦିଆଯାଇଥିଲା ସେଥିରେ କାଜୁ କମ୍ ଫଳୁଛି। କଲମୀ କରି ଚାରା ବଣ୍ଟନ କରାଯାଉଛି। କଲମୀ ଚାରାରେ ଭଲ ଫସଲ ହେଉଛି। ସେହିଭଳି ପୁରୁଣା ଗଛ ଗୁଡିକର ଡାଳ କାଟିଦେଲେ ଆସନ୍ତା ସିଜନରେ ଭଲ ଫଳ ଆସିବ ବୋଲି ସେ କହିଛନ୍ତି। କାଜୁଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବାକୁ କାଜୁ ବଗିଚା ମଧ୍ୟରେ ହଳଦୀ, ସପୁରି, ଅଦା ଚାଷ ପାଇଁ ସବ୍‌ସିଡି ଆକାରରେ ବିହନ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି।

# ପୌରନିର୍ବାହୀ ଅଧିକାରୀଙ୍କୁ ଜିଲା ଖାଉଟି ଅଦାଲତଙ୍କ ନୋଟିସ୍

ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ)

**ଦୋକାନ ଗୃହ ଯୋଗାଣରେ ଅନିୟମିତତା ଅଭିଯୋଗ**

ଆବେଦନକାରୀଙ୍କୁ ଦୋକାନ ଗୃହ ଯୋଗାଣରେ ବିଳମ୍ବ ଓ ଅନିୟମିତତା ନେଇ ଥିବା ଅଭିଯୋଗକାରୀଙ୍କ ଆବେଦନକୁ ଗ୍ରହଣ କରି ନବରଙ୍ଗପୁର ଜିଲା ଖାଉଟି ବିବାଦ ପ୍ରତିକାର କମିଶନ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି। ଆଗାମୀ ୨୬ ଜୁଲାଇରେ ଅଭିଯୋଗର ଉତ୍ତର ରଖିବା ପାଇଁ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କମିଶନ ନୋଟିସ ଜାରି କରିଛନ୍ତି।

ଆଇନଜୀବୀ ରାମ ପ୍ରସାଦ ପାତ୍ରଙ୍କ ଜରିଆରେ ଆବେଦନକାରୀ ନବରଙ୍ଗପୁରର ଶରତ କୁମାର ଦାଶ ଓ ଅଞ୍ଜୁଶ୍ରୀ ସାହୁ ଅଭିଯୋଗପତ୍ର ଦାଖଲ କରିଥିଲେ। ଉକ୍ତ ପତ୍ର ଅନୁଯାୟୀ ୩ ମାର୍ଚ୍ଚ ୨୦୧୫ ରେ ଦୋକାନ ଗୃହ ଯୋଗାଣ ଓ ଆବେଦନକାରୀଙ୍କ ନିଜ ଖର୍ଚ୍ଚରେ ଦୋକାନ ଗୃହ ନିର୍ମାଣ ପାଇଁ ପୌରସଂସ୍ଥା ପକ୍ଷରୁ ବିଜ୍ଞାପନ ନଂ ୨୮୨/୨୦୧୫ ଜରିଆରେ ଆବେଦନ ପତ୍ର ଆହ୍ୱାନ କରାଯାଇଛି। ନବରଙ୍ଗପୁର ପୌରସଂସ୍ଥା ଅଧିନ ନୂତନ କୃଷକ ବଜାର ସମ୍ମୁଖ ଓ ଭିତର, ବିନାୟକ ଭବନ ପଛ, ପୌରକାର୍ଯ୍ୟାଳୟର ସାମନା ପଟ, ନୂତନ ମାର୍କେଟ କମ୍ପ୍ଲେକ୍ସ ଉପର ମହଲା ଓ ଭୂତଳ ଗୃହ, ହନୁମାନ ମନ୍ଦିରର ପଛ ପାଖ ଓ ପୌରପାଳିକାର ଖାଲି ଥିବା ଦୋକାନ ଗୃହ ଓ ଖାଲି ସ୍ଥଳ ମଧ୍ୟରୁ ଆବେଦନକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ଏହି ବିଜ୍ଞାପନରେ ସ୍ପଷ୍ଟ ଥିଲା। ବିଜ୍ଞାପନ ସୂଚନାନୁଯାୟୀ ଆବେଦନକାରୀ ଆବଶ୍ୟକ କାଗଜପତ୍ର ସହ ଦରଖାସ୍ତ ମୂଲ୍ୟ ୧୦୦/– ଟଙ୍କା ଓ ଅମାନତ ରାଶି ୧୦, ୦୦୦/– ଟଙ୍କା ଅଗ୍ରୀମ ଆକାରରେ ୧୦ ଏପ୍ରିଲ ୨୦୧୫ରେ ରସିଦ ନଂ ୯୫୮୬, ୯୪୯୩ ଓ ୯୫୪୭ ଅନୁଯାୟୀ ପୌର କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଆବେଦନକାରୀ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ଲିଖିତ ଭାବେ ଦୋକାନ ଗୃହ ଯୋଗାଇଦେବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ଦୋକାନ ଗୃହ କିମ୍ବା ଦୋକାନ ନିର୍ମାଣ ପାଇଁ ଖାଲି ସ୍ଥାନ ଦିଆଯାଇ ନ ଥିଲା। ଆବେଦନକାରୀ ନବରଙ୍ଗପୁର ଜିଲାପାଳଙ୍କ ନିକଟରେ ଏହି ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଆବେଦନ ଓ ଅମାନତ ରାଶି ଦାଖଲର ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଦୋକାନ ଗୃହ ଯୋଗା ଯାଇ ନ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୋକାନ ଗୃହ ପାଇଁ ଆବେଦନ କରିଥିବା ଶୁଭେନ୍ଦୁ ନାୟକଙ୍କ ମୃତ୍ୟୁ ହେଇଯାଇଥିବାରୁ ତାଙ୍କ ସ୍ତ୍ରୀ ଅଞ୍ଜୁଶ୍ରୀ ଏଥିପାଇଁ ପୁଣି ଥରେ ଆବେଦନ କରିଥିଲେ। ପୌରସଂସ୍ଥାର ଏଭଳି ଅବହେଳା ଯୋଗୁ ହିତାଧିକାରୀ ମାନସିକ ଓ ଆର୍ଥିକଭାବେ କ୍ଷତି ସହିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ବିଚାର କରି ଆବେଦନକାରୀଙ୍କୁ ଯଥାଶୀଘ୍ର ଦୋକାନ ଗୃହ ଯୋଗାଇବା ସହ କ୍ଷତିପୂରଣ ବାବଦକୁ ୧୬, ୫୦, ୦୦୦ ଟଙ୍କା ଦାବି କରିଛନ୍ତି। ଏହାବ୍ୟତୀତ ଅମାନତ ରାଶି ଫେରାଇବା ସହ ମାମଲା ବାବଦ ଖର୍ଚ୍ଚ ୧୦, ୦୦୦/– ଟଙ୍କା ଦାବି କରିଛନ୍ତି। ନବରଙ୍ଗପୁରର ଅନେକ ଆବେଦନକାରୀଙ୍କ ଅମାନତ ରାଶି ନେଇ ମଧ୍ୟ ଦୀର୍ଘ ୯ ବର୍ଷ ହେଲା ସେମାନଙ୍କୁ ଦୋକାନ ଗୃହ ପ୍ରଦାନ କରୁ ନାହାନ୍ତି ବୋଲି ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।

# ଛାତ୍ରୀ ନିବାସ ଉଦ୍‌ଘାଟନ କଲେ ବିଧାୟକ

ନନ୍ଦାହାଣ୍ଡି, ୫।୭(ପ୍ରତୀପ କୁମାର ଦାଶ)



ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ଆଦର୍ଶ ବିଦ୍ୟାଳୟ ସରୁଗୁଡ଼ାରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନ କରିଛନ୍ତି। ସମ୍ମାନୀତ ଅତିଥିଭାବେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ଡଙ୍ଗରଭେଜା ସରପଞ୍ଚ ଗୁଣମତୀ ସୌରା ଓ ସମିତି ସଭ୍ୟ ଅଭିମନ୍ୟୁ ନାୟକ ଯୋଗ ଦେଇଥିଲେ। ଏହି ହଷ୍ଟେଲ ତଫସିଲ ଭୁକ୍ତ ଜାତି ଓ ଜନଜାତି ବର୍ଗର ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ। ଏହି ହଷ୍ଟେଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଦ୍ୱାରା ପରିଚାଳିତ ହେବ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଠାରେ ଏକ ଛାତ୍ରାବାସ ନିର୍ମାଣ ଚାଲିଥିବା ସୂଚନା ମିଳିଛି। ଉମାକାନ୍ତ ଦାଶଙ୍କ ପୌରହିତ୍ୟରେ ଗୃହପୂଜା ସମ୍ପାଦିତ ହୋଇଛି। ଏଠାରେ ବନମହୋତ୍ସବ ଅବସରରେ ଚାରାରୋପଣ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କଳାକୃଷ୍ଣ ବିଷୋୟୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରଛାତ୍ରୀମାନେ "ମାଙ୍କ ନାମରେ ଗୋଟିଏ ଗଛ" କାର୍ଯ୍ୟକ୍ରମରେ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ।

# ରାହୁଲଙ୍କ କୁଶପୁତ୍ତଳିକା ଦାହ



ରାଇଘରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ରାଇଘର/ଉମରକୋଟ/ପାପଡ଼ାହାଣ୍ଡି, ୫।୭ (କିରଣ ପଟ୍ଟନାୟକ/ସନ୍ତୋଷ ଶତପଥୀ/ ସ୍ୱପ୍ନଜିତ ପଟ୍ଟନାୟକ)

ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ସାରା ଦେଶରେ ବିରୋଧ ଦେଖିବାକୁ ମିଳିଛି। ଜୁଲାଇ ୧ରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଂସଦରେ ହିନ୍ଦୁବାଦୀମାନଙ୍କୁ ହିଂସ୍ର ବୋଲି କହିଥିଲେ। ରାଇଘର ଭାଜପା ଯୁବମୋର୍ଚ୍ଚା, ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ସଦସ୍ୟ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ବିରୋଧ କରିଥିଲେ। ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ରାହୁଲଙ୍କ ଇସ୍ତଫା ଦାବିକରି କୁଶପୁତ୍ତଳିକା ଦାହକରିଥିଲେ। ରାହୁଲଙ୍କ ଏମ୍‌ପି ପଦ ରଦ୍ଦ କରିବାକୁ ମହାସଂଘ ପକ୍ଷରୁ ଏସ୍‌ପି ଏବଂ ରାଷ୍ଟ୍ରପତିଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଅନ୍ୟ ହିନ୍ଦୁ ସଙ୍ଗଠନ ଏକାଠି ହୋଇ ପ୍ରତିବାଦକୁ ତୀବ୍ର କରାଯିବ ବୋଲି ନବରଙ୍ଗପୁର ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁମହାସଂଘ, ବଜରଙ୍ଗ ଦଳ ଏବଂ ଭାଜପା ଯୁବମୋର୍ଚ୍ଚା କର୍ମୀ ପ୍ରକାଶ କରିଛନ୍ତି। ଏହି ପ୍ରତିବାଦରେ ମନୋହର ଦଣ୍ଡସେନା, ବାପି ପଟ୍ଟନାୟକ, ବ୍ରଜେନ ବାନାର୍ଜୀ, ସୁଶାନ୍ତ ସାମନ୍ତରାୟ, ବିକି ଶ୍ରୀବାସ୍ତବ, ଡିରୁ ପାତ୍ର, ଗୋପାଳ ସୁନାନୀ, ଲବ କୁଲଦୀପ, ଜିତୁ ଶ୍ରୀବାସ୍ତବ, ବସନ୍ତ ଡଙ୍ଗରୀ, ଯୋଗୀ, ଭାଗୀରଥି ପ୍ରଧାନ, ଭୀମ ନାହାକ, ତ୍ରିନାଥ ରେଲି, ଯୁଗଳ ସତ୍‌ନାମୀ, ଦିଖିଲ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଉମରକୋଟ୍‌ରେ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ ଏକ ଶୋଭାଯାତ୍ରା ବାହାରକରି ସହରର ମୁଖ୍ୟ ରାସ୍ତା ଗୁଲିପାଟଣାରେ ରାହୁଲଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଯୁବମୋର୍ଚ୍ଚା ଉପ ସଭାପତି ମିଲୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢ଼ୀ, ନଗରମଣ୍ଡଳ ସଭାପତି ଗୋପୀନାଥ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ଜିଲା ଏସ୍‌ଟିମୋର୍ଚ୍ଚା ଉପସଭାପତି ରମେଶ ଦାସଙ୍କ ସହ ଭାଜପା ପଦାଧିକାରୀ ନେତୃବୃନ୍ଦଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ହିନ୍ଦୁ ମହାସଂଘ ପକ୍ଷରୁ ବାବଡ଼ାହାଣ୍ଡି ଜଟାବାଲରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ମହାସଂଘ କେନ୍ଦ୍ରୀୟ ସମିତି ପ୍ରମୁଖ ଜୟନ୍ତ ପାତ୍ର, ଅବିଭକ୍ତ କୋରାପୁଟ ଜିଲା ସଭାପତି ଜଗନ୍ନାଥ ଶତପଥୀ, ମିଡ଼ିଆ ସଂଯୋଜକ ଗୋରା ହରିଜନ, ଜଳନ୍ଧର ସିଂ, ଜୟସେନ୍ ନାଗେଶ, ବିଭୁତି ନାୟକ, ପ୍ରଶାନ୍ତ ସିଂ, ଗୋବିନ୍ଦ ସିଂ, ପଦମ ଗଣ୍ଡା, ଡମ୍ବରୁ ଚାଲାଣ, ଜଗନ୍ନାଥ ପୂଜାରୀ, ଶ୍ରୀକାନ୍ତ ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନୋଡାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

କୋଡ଼ିଙ୍ଗା, ୫।୭(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର କୋଡ଼ିଙ୍ଗା ବନଖଣ୍ଡ ସହାୟତାରେ ବନ ମହୋତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କୁ ନେଇ ଏକ ସଚେତନ ସଭା କରାଯାଇଥିଲା। କୋଡ଼ିଙ୍ଗା ବନପାଳ ପ୍ରଭାତ ବିଷୋୟୀ ଗଛର ଉପକରିତା ବିଷୟରେ କହିଥିଲେ। ଜଳବାୟୁ ପରିବର୍ତ୍ତନ ରୋକିବାକୁ ହେଲେ ଗଛ ଲଗାଇବା ନିହାତି ଜରୁରୀ ବୋଲି କୋଷାଗୁମଡା ଡିଇଓ ଛତ୍ରପତି ସାହୁ, ଡିଏସ୍ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ଶିକ୍ଷକମାନେ କହିଥିଲେ। ତେଣୁ ସମସ୍ତେ ଚାରା ରୋପଣ କରିବା ଏବଂ ଗଛ କାଟିବା ବନ୍ଦ କରିବାପାଇଁ ସଂକଳ୍ପ ନେବା ଜରୁରୀ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରାୟ ୧୦୦ ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପରିଚାଳନା କରିଥିଲେ।

## ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

କୋଡ଼ିଙ୍ଗା, ୫।୭(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବମୁଣି ନିକଟସ୍ଥ ବିଜୟନଗର ବାୟୋ ଟେକ ନିର୍ମାଣାଧୀନ ମକା ପ୍ରୋସେସିଂ କରଖାନା ପରିସରରେ ମାଁ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟ ଅତିଥି, ଭାଜପା ନେତା କୁଞ୍ଜ ବିହାରୀ ଦାସ, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, କାରଖାନାର ଏମ୍‌ଡି ଭି.କେ. ରାଜୁ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ଅମଜଦ ଖାନ, କୋଷାଗୁମୁଡ଼ା ଗୋଶାଳା ସଭାପତି ଲିଙ୍ଗରାଜ ଦାସ, ବିରେନ୍ଦ୍ର ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ। ୫ଶହରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଓ ଗ୍ରାମବାସୀ ଏକାଠି ହୋଇ ଚାରାରୋପଣ କରିଥିଲେ।

# କାମରେ ଅନିୟମିତତା, ଦୁର୍ନୀତି ଅଭିଯୋଗ

ନବରଙ୍ଗପୁର,୫।୭(ସଦାଶିବ ପ୍ରହରାଜ)

**ଭିଜିଲାନ୍ସ ତଦନ୍ତ ଦାବିକଲେ ପୂର୍ବତନ ନଗରପାଳ**



ନବରଙ୍ଗପୁର ଜିଲାରେ ୫–ଟି ସ୍କୁଲଗୁଡିକ ଖର୍ଚ୍ଚ ଅଟକଳ ମୂଲ୍ୟ କିଏ ନିର୍ଦ୍ଧାରଣ କରିଛନ୍ତି। ଯେଉଁସବୁ ସାମଗ୍ରୀ କିଣାଯାଇଛି ତାହା ନିମ୍ନମାନର। କିଏ କାହା ମାଧ୍ୟମରେ ଟେଣ୍ଡର କରିଛନ୍ତି। ଭେଣ୍ଡର କିଏ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ନଗରପାଳ ତଥା ବରିଷ୍ଠ ଭାଜପା ନେତା ପ୍ରହ୍ଲାଦ ତ୍ରିପାଠୀ କହିଛନ୍ତି।

ପୂର୍ବତନ ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ସମୟରେ ଅନୁସୂଚିତ ଜାତି ବର୍ଗର ଜମି କିଣାବିକା ଅନୁମତି ଦେଇଛନ୍ତି। ଉକ୍ତ ଅନୁମତିଗୁଡିକ ଯାଞ୍ଚ କରିବାକୁ ମଧ୍ୟ ଦାବି କରିଛନ୍ତି। ରାଜସ୍ୱ ନିରୀକ୍ଷକ ସ୍ତରରୁ ଯାଞ୍ଚକଲେ ଅନେକ ଦସ୍ତାବିଜର ତାଳମେଳ ନାହିଁ। ଭିଜିଲାନ୍ସ ଏହାକୁ ପକ୍ଷଭୁକ୍ତକରି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ, ଜମି ହରାଇଥିବା ବ୍ୟକ୍ତିଙ୍କ ଜମି ଫେରାଇବାକୁ ତ୍ରିପାଠୀ ଦାବି କରିଛନ୍ତି। ପୂର୍ବ ସରକାରଙ୍କ ସମୟରେ ନିମ୍ନମାନର ପିଡିଏସ୍ ଚାଉଳ ଯୋଗାଣ ହେଉଥିଲା। ଭିଟାମିନଯୁକ୍ତ ମିଶ୍ରିତ ଚାଉଳ ଯୋଗାଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ ତାହା ପୂରଣ ହେଉନାହିଁ। ଚାଉଳରେ ୪୦ ପ୍ରତିଶତ ଖୁଦ ସହ ବସ୍ତାରେ ଓଜନ କମ୍ ରହୁଛି। ଏହାର କେନ୍ଦ୍ରୀୟ ଟିମ୍ ଯାଞ୍ଚ କରିବା ଆବଶ୍ୟକ ରହିଛି ବୋଲି କହିଛନ୍ତି। ମିଲେଟ ମିଶନ ନାଁରେ ମାଣ୍ଡିଆ କିଣାରେ ବ୍ୟାପକ ଅନିୟମିତତା ହୋଇଛି। ବାହାର ରାଜ୍ୟରୁ ମାଣ୍ଡିଆ ଅଣାଯାଇଛି। ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ନବରଙ୍ଗପୁର ଓ ଉମରକୋଟ ପୌରାଞ୍ଚଳରେ ଏକ ସଂସ୍ଥା ଷ୍ଟ୍ରିଟ୍ ଲାଇଟ୍ ଲଗାଉଛି। ପୂର୍ବରୁ ସହରରେ ଲାଗିଥିବା ଲାଇଟ କଢ଼ାଯାଇଛି। ଉକ୍ତ ଲାଇଟ୍ କେଉଁଠି ରହିଛି, କେତେ ସ୍ଥାନରେ ନୂଆ ଷ୍ଟ୍ରିଟ୍ ଲାଇଟ ଲଗାଇଛନ୍ତି ତାହାର ଭିଜିଲାନ୍ସ ତଦନ୍ତ ଜରୁରୀ ବୋଲି ସେ କହିଛନ୍ତି। ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ, ନୂଆ–ଓ, କ୍ରୀଡ଼ା ପ୍ରତିଯୋଗିତା ଓ କଲେଜରେ ଆୟୋଜିତ ନ୍ୟୁ ଫେଷ୍ଟୋ ନାଁରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଛି। ସେଥିରେ ଅନିୟମିତତା ହୋଇଛି। ପ୍ରତି ପଞ୍ଚାୟତକୁ ୨ ଲକ୍ଷ ୫୦ ହଜାର ଟଙ୍କାର ଖେଳ ସାମଗ୍ରୀ କିଣିବାକୁ ଟଙ୍କା ଦିଆହୋଇଛି। ଏହା କେବେ ଟେଣ୍ଡର ହୋଇଥିଲା, କେଉଁ ନିୟମ, କେଉଁ ଏଜେନ୍ସି ଯୋଗାଇଛନ୍ତି ଏହାର ଭିଜିଲାନ୍ସ ତଦନ୍ତ ସେ ଦାବି କରିଛନ୍ତି। ନବରଙ୍ଗପୁର ଶ୍ମଶାନ ଉନ୍ନତି ନାଁରେ ମହାଦୁର୍ନୀତି ହୋଇଛି। ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# କଂଗ୍ରେସର ବିକ୍ଷୋଭ, ଏସ୍‌ପିଙ୍କୁ ଦାବିପତ୍ର

ନବରଙ୍ଗପୁର, ୫।୭(ସଦାଶିବ ପ୍ରହରାଜ)

**ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଭାଜପାର ଆକ୍ରମଣ ଅଭିଯୋଗ**

ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ଭାଜପାର ଆକ୍ରମଣ ଅଭିଯୋଗ କରି କଂଗ୍ରେସର ପକ୍ଷରୁ ଏସପି ଅଫିସ ଆଗରେ ଆନ୍ଦୋଳନ କରାଯାଇଛି। ନବରଙ୍ଗପୁର ଜିଲାରେ ୨ ଗୋଷ୍ଠୀ ପୃଥକ ଭାବେ ଆନ୍ଦୋଳନ କରିଛନ୍ତି। ମଧ୍ୟାହ୍ନରେ ମନିଷା ତ୍ରିପାଠୀଙ୍କ ନେତୃତ୍ୱରେ ଏସପି କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ସହ ତୁରନ୍ତ ଭାଜପା କର୍ମୀଙ୍କୁ ଗିରଫ କରିବା ପାଇଁ ଏକ ଦାବିପତ୍ର ଏସ୍‌ପି ରୋହିତ ବର୍ମାଙ୍କୁ ପ୍ରଦାନ କରାଯାଇଛି। ଏହି ଘେରାଉରେ ପିସିସି ଉପସଭାପତି ମୁନା ତ୍ରିପାଠୀ, ହାରାବତି ଗଣ୍ଡ, ଦିବାକର ପୂଜାରୀ, ନବଜୀବନ ମନ୍ଦାର, ଅବଦୁଲ ଫିରୋଜ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

ଅପରାହ୍ନରେ ଜିଲା ଯୁବ କଂଗ୍ରେସ ସଭାପତି ଡା ଲିପିକା ମାଝି ଓ ଜିଲା ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗରଡାଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୁଜବଳ ମାଝି, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ତ୍ରିପାଠୀ, ବାବୁଲି ବାଘ, ଧନୁର୍ଜୟ ବିଷୋୟୀ, ହେମନ୍ତ ମାଝି, ଧନୁର୍ଜୟ ପୂଜାରୀ, ତନୁଜା ମାଝି, ଲଳିତ ମାଝି, ଚକ୍ରଧର ଦିଶାରୀ, ଲଛମନ ଭତରା, କୃତିବାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଜିଲାରେ କଂଗ୍ରେସ ନାମରେ ୨ ପୃଥକ ଗୋଷ୍ଠୀଙ୍କ ଭିନ୍ନ ଭିନ୍ନ ସମୟରେ ଆନ୍ଦୋଳନ ଏବେ ଚର୍ଚ୍ଚାର ବିଷୟ ହୋଇଛି।



ପିସିସି ଉପସଭାପତି ମୁନା ତ୍ରିପାଠୀ ଓ ଅନ୍ୟ କଂଗ୍ରେସ କର୍ମୀମାନେ ଏସ୍‌ପିଙ୍କୁ ଦାବିପତ୍ର ଦେଉଛନ୍ତି।

# ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ

ଡାବୁଗାଁ, ୫।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)




ବୈଠକରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ ଉଦ୍‌ଘାଟନ ଉତ୍ସବ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଏକ ସଭା କରାଯାଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଜିଲା ଯୋଜନା ଉପନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ, ନୀତି ଆୟୋଗ ପ୍ରତିନିଧି ପିରାମିଡ୍ ଫାଉଣ୍ଡେଶନର କାର୍ଯ୍ୟକ୍ରମ ପରିଚାଳକ ବିକ୍ରମ ପଣ୍ଡା, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ଏମ୍‌ପିଙ୍କ ପ୍ରତିନିଧି ଜେ. ରାଜଶେଖର ରାଓ, ବିଡିଓ ଶରତ ମାଝି ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ।

ଗର୍ଭବତୀଙ୍କ ଠିକ୍ ସମୟରେ ଯାଞ୍ଚ, ପୁଷ୍ଟିକର ପୋଷଣ ପ୍ରାପ୍ତ କରାଇବା, ସମସ୍ତ ଶିଶୁଙ୍କୁ ସମ୍ପୂର୍ଣ୍ଣ ଟିକାକରଣ, ୩୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କର ମଧୁମେହ ଓ ରକ୍ତଚାପ ଯାଞ୍ଚ, କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ, ଏସ୍‌ଏଚ୍‌ଜିକୁ ଆବର୍ତ୍ତକାଳୀନ ପାଣ୍ଠି ଯୋଗାଣ, ବିଦ୍ୟାଳୟରେ ସମସ୍ତ ଅତ୍ୟାବଶ୍ୟକ ସୁବିଧା ଉପଲବ୍ଧ ଆଦି ୬ଟି କାର୍ଯ୍ୟକ୍ରମ ସେପ୍ଟେମ୍ବର ୩୦ ସୁଦ୍ଧା ଶତ ପ୍ରତିଶତ ସାରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି ବୈଠକରେ ଆଲୋଚନା ହୋଇଛି।

୫ ଏସ୍‌ଏଚ୍‌ଜିକୁ ୧୫ ହଜାର ଟଙ୍କା ଲେଖାଏ ଆବର୍ତ୍ତକାଳୀନ ପାଣ୍ଠି ଓ ୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପରିଚାଳନା କରିଥିଲେ। ବ୍ଲକ ଓ ଆଇସିଡିଏସ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଅତିଥିମାନେ ବିଭିନ୍ନ ବିଭାଗ ଷ୍ଟଲ ଉଦ୍‌ଘାଟନ କରିଥିଲେ।

## ୩ ମାସରେ ଲକ୍ଷ୍ୟ ପୂରଣ ନେଇ ଶପଥ

ତେନ୍ତୁଲିଖୁଣ୍ଟି, (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଆଗାମୀ ତିନି ମାସ ପାଇଁ ଲକ୍ଷ୍ୟ ଦିଆଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବାପୁଜି ହାଇସ୍କୁଲ ଓ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ବ୍ଲକ କର୍ମଚାରୀମାନେ ବାପୁଜି ହାଇସ୍କୁଲଠାରୁ କୁର୍ମାକୋଟ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ମୁଖ୍ୟ ଅତିଥି, ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଲାଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଧାୟକ କୃଷି , ସମନ୍ୱିତ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଆଦି ବିଭାଗ ଷ୍ଟଲ ଶୁଭାରମ୍ଭ କରିଥିଲେ। ପିରାମିଲ ଫାଉଣ୍ଡେସନର ଜିଲା ପ୍ରୋଗ୍ରାମ ଅଫିସର ବିକ୍ରମ ରଣା ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ଲକରେ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ସୃଷ୍ଟି ନେଇ ସମସ୍ତେ ଶପଥ ପାଠ କରିଥିଲେ।

